# ଓଡ଼ିଶା ସରକାର

## ପର୍ଯ୍ୟଟନ ଓ ସଂସ୍କୃତି (ସଂସ୍କୃତି) ବିଭାଗ, ଭୁବନେଶ୍ୱର ।

## ବିଜ୍ଞାପନ

**ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣ-ଯୋଜନାରେ ଆର୍ଥିକ ସହାୟତା ପାଇଁ ଦରଖାସ୍ତ ଆହ୍ୱାନ ।**

***************

ପୂର୍ବ ବର୍ଷ ପରି ଚଳିତ **୨୦୧୭-୧୮** ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ମାଧ୍ୟମରେ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣ-ଯୋଜନାରେ ଆର୍ଥିକ ସହାୟତା ନିମନ୍ତେ ଗ୍ରନ୍ଥାଗାର କାର୍ଯ୍ୟକ୍ରମ ପାଇଁ ରେଜେଷ୍ଟ୍ରିଭୁକ୍ତ ବେସରକାରୀ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଏବଂ ଆବଶ୍ୟକୀୟ ସର୍ତ୍ତାବଳୀ (Guidelines) ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର Website-rrrlf.gov.in ରେ ଉପଲବ୍ଧ ଅଟେ । ସର୍ତ୍ତାବଳୀ ଅନୁଯାୟୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରି ଏବଂ ଆବଶ୍ୟକ କାଗଜାଦି ସଂଲଗ୍ନ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ବିଜ୍ଞାପନ ପ୍ରକାଶିତ ହେବାର **୩୦ (ତିରିଶ)** ଦିନ ମଧ୍ୟରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ସୀମାପରେ ସଠିକଭାବେ ପୂରଣ ହୋଇ ନ ଥିବା ଏବଂ ଆବଶ୍ୟକ କାଗଜାଦି ସଂଲଗ୍ନ ହୋଇ ନ ଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ଦରଖାସ୍ତ ଗୁଡ଼ିକୁ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣ-ଯୋଜନା(Non-Matching Scheme) ର ସର୍ତ୍ତାବଳୀ ଅନୁଯାୟୀ ତନଖି କରି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବଙ୍କ ନିକଟକୁ ଦରଖାସ୍ତ ପ୍ରାପ୍ତିର ଶେଷ ଦିନ ଠାରୁ **୧୫ (ପନ୍ଦର ଦିନ)** ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ ।ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରତ୍ୟେକ ଦରଖାସ୍ତ ଫର୍ମର ପ୍ରଥମ ପୃଷ୍ଠାରେ ସ୍ୱାକ୍ଷରିତ ତନଖି ସାର୍ଟିଫିକେଟ୍ ସହିତ ମୋହର ମାରି ପ୍ରେରଣ କରିବେ ।

**ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,**
**ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱର ।**